## ସଂକ୍ଷେପରେ

■ଶ୍ୱାସରୁଦ୍ଧ ହୋଇ ୨ ମିସ୍ତ୍ରି ମୃତ ଘଟଣା

### ପରିବାରକୁ ମୃତଦେହ ହସ୍ତାନ୍ତର

କଣିହାଁ, ୯।୧(ଡି.ଏନ.ଏ.)- କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ଗଦାଶିଳା ଗ୍ରାମର ହେମନ୍ତ ପ୍ରଧାନଙ୍କ ନିର୍ମାଣାଧୀନ ଘରୁ ମଙ୍ଗଳବାର ଶ୍ୱାସରୁଦ୍ଧ ହୋଇ ୨ ମିସ୍ତ୍ରିଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ସେମାନଙ୍କ ପରିଚୟ ମିଳିଛି। ମୃତକ ହେଲେ ପଶ୍ଚିମବଙ୍ଗ ମେଦିନାପୁର ଜିଲା ପଟାକୁଡା ଥାନା ରାହାନାତି ଗ୍ରାମର ସେକ୍ ମିଜାନୁର ରହମାନ(୨୯) ଓ ସୟଦ ଅରିଫ୍ ମିଆଁ(୨୭)। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ଥାନା ସୂଚନା ମୁତାବକ, ମୃତକ ସମ୍ପର୍କୀୟ ଭାଇ ହୋଇଥିବାବେଳେ ସେମାନେ ଟାଇଲ କାମ ପାଇଁ ଘରୁ ଆସିଥିଲେ। ସୋମବାର ରାତିରେ ଶୀତରୁ ରକ୍ଷା ପାଇବା ପାଇଁ କୋଇଲା ଆଞ୍ଚ ଘରେ ରଖି ଶୋଇପଡିଥିଲେ। ମଙ୍ଗଳବାର ଉଭୟଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏ ନେଇ ନଂ.୧/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସରପଞ୍ଚ ଜେମାମଣି ନାଏକ, ଗ୍ରାମ ସଭାପତି ବୃନ୍ଦାବନ ପ୍ରଧାନ, ଘର ମାଲିକ ହେମନ୍ତ ପ୍ରଧାନ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ମୃତଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

### ଚୋରି ବାଇକ୍ ଉଦ୍ଧାର, ୫ ଗିରଫ

ଅନୁଗୋଳ ଅଫିସ, ୯।୧- ଅନୁଗୋଳ ପୋଲିସ ବୁଧବାର ଏକ ଚୋରି ବାଇକ୍ (ଓଡ଼ି-୧୯-ଏମ୍-୩୯୭୨) ଉଦ୍ଧାର କରିବା ସହ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରାଣୀଗୋଡ଼ାର ରାକେଶ ବେହେରା, ସିଲବୁଲ ବେହେରା, ସିପୁନ ସାହୁ, ସନ୍ତୋଷ ବେହେରା, ସୌରଭ ସିଂସାମନ୍ତ। ଏପରିକି ଅଭିଯୁକ୍ତମାନେ ଗାଡିର ସ୍ପେୟାର ପାର୍ଟ୍ସ ଖୋଲି ରଖିଥିବା ଏକ ଜରିକୁ ପୋଲିସ ଜବତ କରିଛି। ଏ ନେଇ ନଂ. ୬୧୪/୧୮ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ଶିମିଳିପଡ଼ାର ଜଗନ୍ନାଥ ବିହାରରେ ରହୁଥିବା ସୁବ୍ରତ ନାଏକ ତାଙ୍କ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ।

### ବୃଦ୍ଧାଶ୍ରମ, ବାଳାଶ୍ରମରେ ଖାଦ୍ୟ ବଣ୍ଟନ

ଅନୁଗୋଳ ଅଫିସ, ୯।୧- ଅନୁଗୋଳ ସହର ମାଟିଆସାହିରେ କିଛି ଯୁବକଙ୍କୁ ନେଇ ନୂତନ ଭାବେ ଗଠିତ ପିପୁଲ୍ସ କେୟାର ସାମାଜିକ ଅନୁଷ୍ଠାନ ତାମ୍ରିତ କଲୋନୀ ସ୍ଥିତ ବୃଦ୍ଧାଶ୍ରମ ଓ ବଅଁରପାଳ ସ୍ଥିତ ବାଳାଶ୍ରମ ପରିଭ୍ରମଣ କରି ବୁଧବାର ଖାଦ୍ୟ ବଣ୍ଟନ କରିଛନ୍ତି। ଏଥିସହ ଉଭୟ ଅନୁଷ୍ଠାନକୁ ଅର୍ଥରାଶି ସହାୟତା ମଧ୍ୟ ପ୍ରଦାନ କରିଛନ୍ତି। ସଦସ୍ୟ ବବୁଲ ପ୍ରଧାନ, ସିକି ଶତପଥୀ, ଚନ୍ଦନ କୁମାର ସାହୁ, ସତ୍ୟଜିତ ଧଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଆକାଉଣ୍ଟରୁ ୧ ଲକ୍ଷ ୨୧ ହଜାର ଲୁଟ୍

କଣିହାଁ, ୯।୧(ଡି.ଏନ.ଏ.)- କଣିହାଁ ବ୍ଲକ ସମଲ ବ୍ୟାରେଜ ଅଞ୍ଚଳର ମନୋରମା ଦାସଙ୍କ ଆକାଉଣ୍ଟରୁ ୧ ଲକ୍ଷ ୨୧ ହଜାର ୫୮୫ ଟଙ୍କା ଲୁଟ୍ ହୋଇଥିବା ସମଲ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ. ୬/୧୯ରେ ଏକ ମାମଲା ରୁଜୁ ହୋଇଛି। ଆଇଆଇସି ସୁନୀଲ କୁମାର କରଙ୍କ ସୂଚନା ମୁତାବକ, ବୁଧବାର ମନୋରମାଙ୍କ ସମଲ ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଯାଇଥିବା ମୋବାଇଲରେ ମେସେଜ ଆସିଥିଲା। ଏ ନେଇ ତୁରନ୍ତ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାକୁ ଗୁରୁତର ସହ ନେଇ ତଦନ୍ତ କରୁଥିବା ଆଇଆଇସି କହିଛନ୍ତି।

### ଦୋକାନୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କଣିହାଁ, ୯।୧(ଡି.ଏନ.ଏ.)- କଣିହାଁ ବ୍ଲକ ଏନ୍‌ଟିପିସି ବଜାର ତେଲିସିଂହା ରାସ୍ତାରେ ଅଣ୍ଡା ଦୋକାନ କରିଥିବା କମରେଇ ପଞ୍ଚାୟତ ଦେହୁରୀଭୂଇଁ ଗ୍ରାମର ଭୁବନାନନ୍ଦ ଦେହୁରୀ(୨୬)ଙ୍କ ଝୁଲନ୍ତା ମୃତଦେହ ସମଲ ପୋଲିସ ବୁଧବାର ସନ୍ଧ୍ୟାରେ ଉଦ୍ଧାର କରିଛି। ସେ ତାଙ୍କ ଦୋକାନରେ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ସରପଞ୍ଚ ଦୁଃଖବନ୍ଧୁ ଭୂତିଆଙ୍କଠାରୁ ସୂଚନା ପାଇ ପୋଲିସ ସେଠାରେ ପହଞ୍ଚିଥିଲା। ଥାନା ସୂଚନା ମୁତାବକ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରାଯାଇଛି। ନଂ. ୨/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ।

■ଜାତୀୟ ଟ୍ରେଡ୍ ୟୁନିୟନଙ୍କ ମିଳିତ ଧର୍ମଘଟ

# ଦ୍ୱିତୀୟ ଦିନରେ ବି ଜୋର୍‌ଦାର ପ୍ରଭାବ



ସଙ୍ଗଠନର କର୍ମୀମାନେ ଅନୁଗୋଳ ସହର ବୁଲି ଦୋକାନ ବଜାର ବନ୍ଦ କରାଉଛନ୍ତି।



ବସ୍‌ଷ୍ଟାଣ୍ଡଠାରେ କ୍ରିକେଟ ଖେଳ ଚାଲିଛି।

ଅନୁଗୋଳ ଅଫିସ, ୯।୧

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ ଦ୍ୱିତୀୟ ଦିନ ବୁଧବାର ମଧ୍ୟ ଅନୁଗୋଳରେ ଦେଖିବାକୁ ମିଳିଛି। ଏହି ଧର୍ମଘଟ କାରଣରୁ ସହରରେ ଥିବା ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ଡାକଘର ଆଦି ବନ୍ଦ ରହିଥିଲା। ଶ୍ରମିକ ସଙ୍ଗଠନ ଗୁଡ଼ିକର କର୍ମକର୍ତ୍ତାମାନେ ଶୋଭାଯାତ୍ରା କରି ବିଭିନ୍ନ କାର୍ଯ୍ୟାଳୟ ବନ୍ଦ କରାଉଥିବା ପରିଲକ୍ଷିତ ହୋଇଥିଲା। ଏପରି କି ସହରରେ ପୂର୍ବାହ୍ନରେ ଗାଡ଼ି ଚଳାଚଳ ଏକ ରକମ ବନ୍ଦ ହୋଇଯାଇଥିବା ଦେଖାଯାଇଥିଲା।

୧୨ ଦଫା ଦାବିରେ କରାଯାଇଥିବା ଏହି ଧର୍ମଘଟର ଦ୍ୱିତୀୟ ଦିନରେ ଆନ୍ଦୋଳନକାରୀମାନେ ଅନୁଗୋଳ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ଏଆଇୟୁଟିୟୁସି ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ସିଆଇଟିୟୁ ନେତା ଉପେନ୍ଦ୍ର ଶର୍ମା, ଏଚ୍‌ଏମ୍‌ଏସ୍‌ର ପବିତ୍ର କୁମାର ବିଶ୍ୱାଳ, ତ୍ରିଲୋଚନ ପ୍ରଧାନ, ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ସୁବାସ ପ୍ରଧାନ, ମାନସ ପାଳ, ଏଆଇସିସିଟିୟୁର ଜିଲା ସଙ୍ଗଠକ ତପନ କୁମାର ମହାନ୍ତି, ବସନ୍ତ କୁମାର ପଟ୍ଟନାୟକ, ଯୁବ ସଙ୍ଗଠକ ବିଷ୍ଣୁ ସାହୁ, ନିରଞ୍ଜନ ନାୟକ, ପ୍ରଭାସୀ ସ୍ୱାଇଁ, ନାରାୟଣ ନାୟକ, ନିରୂପମା ନାୟକଙ୍କ ସମେତ ବହୁ କର୍ମୀ ଏଥିରେ ସାମିଲ ହୋଇଥିଲେ। ସେହିପରି ଅନୁଗୋଳ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ବାବା ଚମ୍ପେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ ସଭ୍ୟମାନେ ଧର୍ମଘଟକୁ ସମର୍ଥନ କରି ସ୍ଥାନୀୟ ଡିଭିଜିନାଲ ଅଫିସ ସମ୍ମୁଖ ଧାରଣାସ୍ଥଳକୁ ବାଇକ୍ ଶୋଭାଯାତ୍ରାରେ ଆସିଥିଲେ। ସଂଘ ସଭାପତି ସୁକାନ୍ତ ସାହୁ, ସମ୍ପାଦକ ଦୀପକ କୁମାର ସିଂ, ପ୍ରତାପ ସାହୁ, ଦିଲୀପ ବିଶ୍ୱାଳ, ରଜତ ମହାନ୍ତି, ବାଉରିବନ୍ଧୁ ବେହେରା, ପ୍ରସନ୍ନ ସେନାପତି ଓ ସରୋଜ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅଖିଳ ଭାରତ ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସଂଘର ସୂର୍ଯ୍ୟକାନ୍ତ ସାହୁ, ପୋଷ୍ଟମ୍ୟାନ ଓ ଏମ୍‌ଟିଏସ୍ ସମ୍ପାଦକ ପ୍ରଭାସ ଚନ୍ଦ୍ର ସାହୁ, ବରିଷ୍ଠ ତୃତୀୟ ଶ୍ରେଣୀ କାର୍ଯ୍ୟକର୍ତ୍ତା ଆଦିତ୍ୟ ପ୍ରସାଦ ପଣ୍ଡା, ଉପେନ୍ଦ୍ର ସାହୁ, ଗ୍ରାମୀଣ ଡାକ ସେବକ ସଂଘ କର୍ମକର୍ତ୍ତା ସନ୍ତୋଷ ପ୍ରଧାନ, ଅମୀୟ ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏଥିରେ ଜିଲାର ସମସ୍ତ ଡାକ କର୍ମଚାରୀ ଓ ଗ୍ରାମୀଣ ଡାକ ସେବକ ସାମିଲ ହୋଇଥିଲେ। ସମଗ୍ର ଜିଲାରେ ଡାକ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏହି ଧର୍ମଘଟ ଓ ବନ୍ଦ ପାଳନ ଯୋଗୁ ଅନୁଗୋଳ ବସ୍‌ଷ୍ଟାଣ୍ଡ ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇପଡ଼ିଥିଲା। କୌଣସି ଗୋଟିଏ ଗାଡ଼ି ନ ଥିବାରୁ ସେଠାରେ କ୍ରିକେଟ ଖେଳ ଚାଲିଥିବା ଦେଖିବାକୁ ମିଳିଥିଲା।

ଅପରପକ୍ଷରେ ଧର୍ମଘଟକୁ ଅନୁଗୋଳ ଜିଲାବାସୀ ସମସ୍ତ ଦିଗରୁ ସଫଳ କରିଥିବାରୁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ଜିଲାସ୍ତରୀୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଦାବି ପୂରଣ ପର୍ଯ୍ୟନ୍ତ ମିଳିତ ଆନ୍ଦୋଳନକୁ ମଜଭୁତ କରିବାକୁ ଆଇଏନ୍‌ଟିୟୁସି ସହବନ୍ଧିତ ନାଲ୍‌କୋ ଶ୍ରମିକ କଂଗ୍ରେସ ସମ୍ପାଦକ ପରେଶ ଜେନା, ସହ ସମ୍ପାଦକ ବିଭୂତି ଭୂଷଣ ଶତପଥୀ, ଏନ୍‌ଇଇଏସ୍‌ର ସମ୍ପାଦକ ନିର୍ମଳ ସାମଲ, ଏଚ୍‌ଏମ୍‌ଏସ୍‌ର ତ୍ରିଲୋଚନ ପ୍ରଧାନ, ପବିତ୍ର କୁମାର ବିଶ୍ୱାଳ, ମାଙ୍ଗିଲାଲ ସାମଲ, ସିଆଇଟିୟୁ ଜିଲା ସଭାପତି ନାରାୟଣ ସେଠୀ, ସମ୍ପାଦକ ଉପେନ୍ଦ୍ର ଶର୍ମା, ଏଆଇଟିୟୁସିର ଚତୁର୍ଭୂଜ ଦାସ, ଏଆଇୟୁଟିୟୁସି ଜିଲା ସଭାପତି ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ସମ୍ପାଦକ ବ୍ରଜବନ୍ଧୁ ସାହୁ, ଏଆଇସିସିଟିୟୁର ଜିଲା ସଙ୍ଗଠକ ତପନ କୁମାର ମହାନ୍ତି, ବସନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଆହ୍ୱାନ ଦେଇନ୍ତି।

## ଅଫିସ୍, ବ୍ୟାଙ୍କ ବନ୍ଦ

ଆଠମଲ୍ଲିକ/ଛେଣ୍ଡିପଦା/ ତାଳଚେର,୯।୧(ଡି.ଏନ.ଏ.)

୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ୨ ଦିନିଆ ଧର୍ମଘଟର ପ୍ରଭାବ ବୁଧବାର ଆଠମଲ୍ଲିକରେ ଅନୁଭୂତ ହୋଇଛି। ଆନ୍ଦୋଳନକାରୀ ପିକେଟିଂ କରି ସମସ୍ତ ସରକାରୀ ଅଫିସ, ବ୍ୟାଙ୍କ ଆଦି ବନ୍ଦ କରାଇଦେଇଥିଲେ। ଆନ୍ଦୋଳନକାରୀ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିରହିଥିଲେ। ଏଥିରେ ଏଆଇୟୁଟିସି ରାଜ୍ୟ ସମ୍ପାଦକ ତୀର୍ଥବାସୀ ଭୋଇ କେନ୍ଦ୍ର ସରକାରଙ୍କ ଶ୍ରମିକ ଏବଂ ଚାଷୀମାର ନୀତି ବିରୋଧରେ ଧର୍ମଘଟ ସଫଳ ହୋଇଛି ବୋଲି ପ୍ରକାଶ କରିଥିଲେ। ଆଠମଲ୍ଲିକରୁ ବସ ଚଳାଚଳ, ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ବିନତି ସାହୁ, ସରୋଜିନୀ ବେହେରା, ମିନି ବେହେରା, ଅଳି ନାୟକ, ବୁଟୁ ନାଏକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସେହିପରି ଛେଣ୍ଡିପଦାରେ ଧର୍ମଘଟର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। ଏସ୍‌ୟୁସିଆଇର ପ୍ରତିମା ବେହେରା, ପ୍ରସାଦି ପ୍ରଧାନ, ସୂର୍ଯ୍ୟରଞ୍ଜନ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ତାଳଚେରରେ ଧର୍ମଘଟର ବିଶେଷ ପ୍ରଭାବ ଅନୁଭୂତ ହୋଇନାହିଁ। ଏମସିଏଲର ଏଠାରେ ଥିବା ହିଙ୍ଗୁଳା, ବଳରାମ, ଜଗନ୍ନାଥ, ଲିଙ୍ଗରାଜ, ଭୁବନେଶ୍ୱରୀ, ଭରତପୁର, ଅନନ୍ତ କୋଇଲା ଖଣି ସମେତ ୧୦ଟି ଖଣିର ସମସ୍ତ କାର୍ଯ୍ୟ ସ୍ୱାଭାବିକ ହୋଇଛି। କେବଳ ସ୍କୁଲ, କଲେଜ ବ୍ୟାଙ୍କ, ପୋଷ୍ଟ ଅଫିସ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା ।

■ହାଟତୋଟାରେ ଆତଙ୍କରାଜ

## ମାରଣାସ୍ତ୍ର ଧରି ପିଟିଲେ, ଗାଡ଼ି ଭାଙ୍ଗିଲେ

ତାଳଚେର,୯।୧(ନି.ପ୍ର.)

ତାଳଚେର ମୁଖ୍ୟ ମାର୍କେଟ ହାଟତୋଟା ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ୮/୧୦ ଜଣ ଯୁବକ ମାରଣାସ୍ତ୍ର ଧରି ଆତଙ୍କ ସୃଷ୍ଟି କରିଛନ୍ତି। ଦୁର୍ବୃତ୍ତମାନେ ୪/୫ଟି ବାଇକ୍‌ରେ ଆସି ମାର୍କେଟ ଭିତରେ ପଶି ଲୁହାରଡ ଆଦିରେ ଲୋକଙ୍କୁ ପିଟିବା ସହ ଗାଡି ଭଙ୍ଗାରୁଜା କରିଥିବା ଦେଖାଯାଇଥିଲା। ତାଳଚେର ବ୍ଲକ ଅଞ୍ଚଳର ଜଣେ ଯୁବକ ମଙ୍ଗଳା ମନ୍ଦିର ନିକଟରେ ବାଇକ ରଖି ମାର୍କେଟରୁ କିଣାକିଣି କରୁଥିବାବେଳେ ତାଙ୍କୁ ମାଡ଼ ମାରିବା ସହ ବାଇକ ପିଟି ଭାଙ୍ଗି ଦେଇଥିଲେ । ସେହିପରି ସେଠାରୁ କିଛି ଦୂରରେ ଥିବା ଏକ ୨୦୭ ଗାଡିକୁ ବାଡେଇ ଭାଙ୍ଗିଥିଲେ। ପରେ ଏକ ଲୁହା ଦୋକାନରୁ ୨ଟି ଲୁହା ବେଲ୍‌ଚା ଓ ଏକ ସିଲଭର ଦୋକନରୁ ୨ଟି କଡେଇ ନେଇ ପଳାଇଥିଲେ। ହାଟତୋଟା ଅଞ୍ଚଳରେ ପୋଲିସ ମୁତୟନ, ପାଟ୍ରୋଲିଂ ଗାଡି ବୁଲୁଥିଲେ ମଧ୍ୟ ଦୁର୍ବୃତ୍ତମାନେ ଏପରି କାଣ୍ଡ ଘଟାଇବାକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି। ଏପରିକି ପୋଲିସ ଦୁର୍ବୃତ୍ତମାନଙ୍କୁ ଧରିବା ବଦଳରେ ସ୍ଥାନୀୟ ଲୋକଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି।



ଦୁର୍ବୃତ୍ତମାନେ ଏକ ଗାଡ଼ି ଭାଙ୍ଗି ଦେଇଛନ୍ତି।

## ଷ୍ଟେଶନ ସମ୍ମୁଖରେ ଧାରଣା

ତାଳଚେର, ୯।୧(ନି.ପ୍ର.)

ତାଳଚେର ବ୍ଲକ ଘଣ୍ଟପଡ଼ା ପଞ୍ଚାୟତର ୧୮ନଂ ୱାର୍ଡ ରାସ୍ତାର ଉନ୍ନତୀକରଣ ଦାବିରେ ବୁଧବାର ୱାର୍ଡ଼ବାସୀ ତାଳଚେର ରେଲୱେ ଷ୍ଟେଶନର ମୁଖ୍ୟ ପ୍ରବେଶପଥ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ପୂର୍ବରୁ ୱାର୍ଡବାସୀ ବ୍ୟବହାର କରୁଥିବା ରାସ୍ତାକୁ ରେଲୱେ କର୍ତ୍ତୃପକ୍ଷ ବନ୍ଦ କରି ଏକ ନୂତନ ୮ ଫୁଟ ବିଶିଷ୍ଟ ରାସ୍ତା ଖୋଲିବାକୁ ତାଳଚେର ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରତିଶ୍ରୁତି ମିଳିଥିଲା। ହେଲେ ଅଦ୍ୟାବଧି ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ପ୍ରାୟ ଏକ ବର୍ଷ ବିତି ଯାଇଥିଲେ ସୁଦ୍ଧା ନୂତନ ରାସ୍ତାର ଉନ୍ନତିକରଣ ନିମନ୍ତେ ରେଳ କର୍ତ୍ତୃପକ୍ଷ କୌଣସି ଆଗ୍ରହ ଦେଖାଉନାହାନ୍ତି। ଏ ସମ୍ପର୍କରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସରପଞ୍ଚ ମନୋଜ ବେହେରା ଏବଂ ଅନ୍ୟମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଅନେକବାର ଆଲୋଚନା କରିଥିଲେ ସୁଦ୍ଧା ତାଳଚେର ରେଲୱେ ଅଧିକାରୀ ଅବହେଳା କରୁଥିବା ଅଭିଯୋଗ ହୋଇଛି। ତେବେ ରେଲୱେ କର୍ତ୍ତୃପକ୍ଷ ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ କରିବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ରେଳଧାରଣାରୁ ଉଦ୍ଧାର ଯୁବକଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୯।୧

ବଅଁରପାଳ ବ୍ଲକ କୁରୁଡୋଲଠାରେ ଟ୍ରେନ ଲାଇନ ନିକଟରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିବା ପୁରୁଣାକୋଟ ଥାନା ଜଗନ୍ନାଥପୁର ଗ୍ରାମର ବିଘ୍ନ ମେହେର (୧୯)ଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ମୃତ୍ୟୁ ଘଟିଛି। ସୂଚନା ମୁତାବକ, ବିଘ୍ନ ରେଳ ବିଭାଗର ଏକ ବ୍ରିଜ କାମରେ ଶ୍ରମିକ ଭାବେ କାମ କରୁଥିଲେ। ସନ୍ଧ୍ୟାରେ ସେ ଦୋକାନରୁ କିଛି ସାମଗ୍ରୀ ଆଣିବାକୁ ଯାଇ ଆଉ କ୍ୟାମ୍ପକୁ ଫେରି ନ ଥିଲେ। କୁରୁଡୋଲ ଗ୍ରାମର ଆଶାକର୍ମୀ ସରସ୍ୱତୀ ବେହେରା ଝିଅଙ୍କଠାରୁ ଖବରପାଇ ସହକର୍ମୀଙ୍କ ସହ ବିଘ୍ନଙ୍କୁ ସେଠାରୁ ଡାକ୍ତରଖାନା ଆଣିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ବିଘ୍ନଙ୍କ ମୃତ୍ୟୁ ଘଟିଥିବା ଡାକ୍ତରଙ୍କ ସୂତ୍ରରୁ ପ୍ରକାଶ।

## ପୁଣି ଲକ୍ଷାଧିକ ଟଙ୍କାର ଗହଣା ଚୋରି

ବଅଁରପାଳ,୯।୧ (ଡି.ଏନ୍.ଏ.)

ଅନୁଗୋଳ ଜିଲା ନାଲ୍‌କୋ କଲୋନୀରୁ ପୁଣି ଚୋରି ଲୋକଙ୍କୁ ଆତଙ୍କିତ କରିଦେଇଛି। ସୋମବାର ସିପିପି ଏଚ୍‌ଆର୍‌ଡିର ଡେପୁଟି ମ୍ୟାନେଜର ବିକାଶ କୁମାର ସ୍ୱାଇଁଙ୍କ କ୍ୱାର୍ଟର୍ସ ନଂ. ୮/୨୨୫୬ର ତାଲା ଭାଙ୍ଗି ୩୫ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଯାଇଛି। ଏ ନେଇ ବିକାଶ ବୁଧବାର ଥାନାରେ ଅଭିଯୋଗ କରିବା ପରେ ନାଲ୍‌କୋ ପୋଲିସ ନଂ. ୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ୧୫ ଦିନ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଧରା ନ ଗଲେ ଜନସାଧାରଣ ଆନ୍ଦୋଳନ କରିବ ବୋଲି ଭାଜପା ନେତା ମିନକେତନ ଅମାନ୍ତ ଚେତାବନୀ ଦେଇଛନ୍ତି।

## 'ପିଠା'ରେ ପୁରସ୍କୃତ ହେବ ୮ ପଞ୍ଚାୟତ

ଅନୁଗୋଳ ଅଫିସ, ୯।୧

ରାଜ୍ୟ ସରକାରଙ୍କ 'ପିଠା' ଯୋଜନାରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଅନୁଗୋଳର ୮ଟି ପଞ୍ଚାୟତକୁ ପୁରସ୍କାର ପ୍ରଦାନ କରାଯିବ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠି ନମ୍ବର ୫୪୬ରେ ଦର୍ଶାଯାଇଛି। ଜାନୁୟାରୀ ୨୬ ତାରିଖରେ ଜିଲାସ୍ତରୀୟ ଗଣତନ୍ତ୍ର ଦିବସ ଅବସରରେ ଅନୁଗୋଳ ବ୍ଲକର ବଲାସିଂହା ପଞ୍ଚାୟତ, ଆଠମଲ୍ଲିକର ନଅଗାଁ, ବଅଁରପାଳର କୁଲାଡ଼, ଛେଣ୍ଡିପଦାର ପାତ୍ରପଡ଼ା, କଣିହାଁର କର୍ଣ୍ଣପାଳ, କିଶୋରନଗରର ଧଉରାପାଲି, ପାଲଲହଡ଼ାର ବରସଡ଼ା, ତାଳଚେରର ବଡ଼ଯୋରଡ଼ା ପଞ୍ଚାୟତକୁ ଏହି ପୁରସ୍କାର ବାବଦକୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏହି ଅର୍ଥ ଏଜିଏବି ସ୍କିମ ମାଧ୍ୟମରେ ମିଶନ ଶକ୍ତି ଗୃହ, ପାଠଘର, ଗାଧୁଆ ତୁଠ, କମ୍ୟୁନିଟି ସେଣ୍ଟର, କୋଠଘର ପ୍ରଭୃତିରେ ଖର୍ଚ୍ଚ କରିବା ପାଇଁ କୁହାଯାଇଛି।

## ବିସ୍ଥାପିତଙ୍କ ସମସ୍ୟା ଶୁଣିଲେ ଉପଜିଲାପାଳ

ଆଠମଲ୍ଲିକ, ୯।୧(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକର କୁମୁରୁସିଙ୍ଗା ଗ୍ରାମରେ ମାନଜୋର ଜଳସେଚନ ପ୍ରକଳ୍ପ ଯୋଗୁ ବିସ୍ଥାପିତ ହୋଇଥିବା କୁମୁରୁସିଙ୍ଗା ଓ ବରପଦର ଗ୍ରାମବାସୀଙ୍କ ସମସ୍ୟା ସମାଧାନ ପାଇଁ ବୁଧବାର ପ୍ରଶାସନ ପକ୍ଷରୁ ଏକ ବୈଠକ ବସିଥିଲା। ଉପଜିଲାପାଳ ସୁବାସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଢେଙ୍କାନାଳର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ବରେନ୍ଦ୍ର କୁମାର ଧଳ ଯୋଗ ଦେଇଥିଲେ। କ୍ଷତିଗ୍ରସ୍ତ ଗ୍ରାମବାସୀ କ୍ଷତିପୂରଣ ଓ ବକେୟା ଅର୍ଥ ତୁରନ୍ତ ପ୍ରଦାନ ସହ ବିସ୍ଥାପିତଙ୍କୁ ଥଇଥାନ ନିମନ୍ତେ ଦିଆଯାଇଥିବା ସ୍ଥାନକୁ ନୂଆ କୁମୁରୁସିଙ୍ଗା ଗ୍ରାମ ନାମରେ ନାମିତ କରିବା, ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ ଆଦି ସମସ୍ୟା ଉପରେ ଲିଖିତ ଭାବେ ଉପଜିଲାପାଳଙ୍କୁ ଜଣାଇଥିଲେ। ଉପଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଏହା ଉପରେ ଆଲୋଚନା କରି ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ସରକାରୀ ନିୟମ ଅନୁଯାୟୀ ଏହି ଅର୍ଥ ପ୍ରଦାନ କରିବା ଉପରେ ପରାମର୍ଶ ଦେଇଥିଲେ। ଖୁବ ଶୀଘ୍ର ଏହି ଟଙ୍କା ପ୍ରଦାନ କରାଯିବ ଏବଂ ଗ୍ରାମବାସୀ ପୁରୁଣାବସ୍ତିକୁ ଛାଡିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର କିଶୋରନଗର ଲୋପାମୁଦ୍ରା ରଥ, ନିର୍ବାହୀ ଯନ୍ତ୍ରୀ ସନାତନ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ, ଜୋନ ଅଫିସର ରାଜେଶ କୁମାର ମେହେର, ସହକାରୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ପ୍ରଶାସନିକ ଅଧିକାରୀ ବିସ୍ଥାପିତଙ୍କ ସହ ଆଲୋଚନା କରୁଛନ୍ତି।

■ଚର୍ଚ୍ଚାରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ

# ବିନା ସୁରକ୍ଷାରେ ବାୟୋ ବର୍ଜ୍ୟ ପରିଚାଳନା

ଅନୁଗୋଳ ଅଫିସ, ୯।୧

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ କାନ୍ଥରେ ଦିଆଯାଇଛି ସଚେତନତାର ବାର୍ତ୍ତା। ବାୟୋ ବର୍ଜ୍ୟବସ୍ତୁ ପରିଚାଳନା ପୂର୍ବରୁ ନିଜକୁ ସୁରକ୍ଷା ପୋଷାକରେ ସୁରକ୍ଷିତ କରିବାକୁ ଏଥିରେ ନିୟୋଜିତ କର୍ମଚାରୀଙ୍କୁ ସଚେତନ କରାଇ ଦିଆଯାଇଛି। କିନ୍ତୁ ବାସ୍ତବରେ ବାୟୋ ବର୍ଜ୍ୟ ପରିଚାଳନା କାର୍ଯ୍ୟ ବିନା ସୁରକ୍ଷା ପୋଷାକରେ କରାଯାଉଥିବା ଦେଖିବାକୁ ମିଳୁଛି। ଏ ନେଇ କର୍ତ୍ତୃପକ୍ଷ କହୁଛନ୍ତି ସୁରକ୍ଷା ସାମଗ୍ରୀ ଯୋଗାଇ ଦିଆଯାଇଛି। ହେଲେ କର୍ମଚାରୀ ତାହା ପାଇ ନ ଥିବା ଅଭିଯୋଗ କରୁଛନ୍ତି। ତେଣୁ କାହା କଥାରେ ସତ୍ୟତା ରହିଛି ଓ କିଏ ନିୟମ ପାଳନରେ ଅବହେଳା ପ୍ରଦର୍ଶନ କରିଛନ୍ତି ତାହାକୁ ନେଇ ରୋଗୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଘଟଣାର ଅନୁଧ୍ୟାନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏଡିଏମ୍‌ଓ (ମେଡିକାଲ) ଲକ୍ଷ୍ମୀନାରାୟଣ ବିଶୋଇ କହିଛନ୍ତି।

■କର୍ତ୍ତୃପକ୍ଷ କହୁଛନ୍ତି ଯୋଗାଇ ଦେଇଛୁ

■ପାଇ ନ ଥିବା କର୍ମଚାରୀଙ୍କ ଅଭିଯୋଗ

■ଅନୁଧ୍ୟାନ କରାଯିବ କହିଲେ ଏଡିଏମ୍‌ଓ

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସଂକ୍ରମଣ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କଡ଼ା ନିୟମ ରହିଛି। ଏହାର ପରିଚାଳନା କରୁଥିବା କର୍ମଚାରୀ ସୁରକ୍ଷା ପୋଷାକ ଯଥା ଗ୍ଲୋଭ୍ସ ଓ ମାସ୍କ ସହ ଫୁଲ୍ ହାତ ଶାର୍ଟ, ଟ୍ରାଉଜର, ଲଙ୍ଗ୍ ବୁଟ ଓ ଦେହରେ ପ୍ଲାଷ୍ଟିକ ଆପ୍ରୋନ ପିନ୍ଧିବା ଜରୁରୀ ବୋଲି ଏଥିରେ ଦର୍ଶାଯାଇଛି। ଏପରି କି ଏ ନେଇ ସଚେତନତା ଉଦ୍ଦେଶ୍ୟରେ ମେଡିକାଲ କାନ୍ଥରେ ଫଟୋ ଚିତ୍ର ମଧ୍ୟ ଲଗାଯାଇଛି। କିନ୍ତୁ ଏହି ବର୍ଜ୍ୟ ପରିଚାଳନା କରୁଥିବା କର୍ମଚାରୀମାନେ ଦୀର୍ଘ ଦେଢ଼ମାସ ହେଲା ବିନା ସୁରକ୍ଷା ପୋଷାକରେ କାର୍ଯ୍ୟ କରିଆସୁଥିବା ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଲେବର ରୁମ୍‌ରୁ ବାହାରୁଥିବା ସିରିଞ୍ଜ, ସାଲାଇନ୍ ବୋତଲ, ପାଇପ୍, ବ୍ଲଡ୍ ବ୍ୟାଗ, ନବଜାତ ଶିଶୁ ଜନ୍ମ ହେବା ସମୟରେ ମହିଳାଙ୍କ ଠାରୁ ବାହାରୁ ଥିବା ହ୍ୟୁମାନ ପାର୍ଟ, ବ୍ୟବହୃତ ତୁଳା, ଗଜ ଓ କପଡ଼ା ଆଦି ପରି ସଂକ୍ରମଣ ବର୍ଜ୍ୟକୁ ମଧ୍ୟ ସମାନ ଢଙ୍ଗରେ ପରିଚାଳନା କରାଯାଉଛି। ଦୈନିକ ସକାଳେ ଖାଲି ହାତ, ବିନା ମାସ୍କ, ବୁଟ୍, ଆପ୍ରୋନରେ କର୍ମଚାରୀମାନେ ଲେବର ରୁମ୍ ଠାରୁ ଏହାକୁ ୩ ଶହ ମିଟର ଦୂରକୁ ବୋହି ନେଉଛନ୍ତି। ଏକାବେଳେ ବହୁ ପରିମାଣର ବର୍ଜ୍ୟ ଜରିରେ ବନ୍ଧାଯାଇ ନିଆଯାଉଥିବାରୁ ଅନେକ ସମୟରେ ସେଥିରୁ କିଛି କିଛି ରାସ୍ତାରେ ଖସିପଡ଼ି ପରିବେଶ ଦୂଷିତ କରୁଛି। ଏହାଦ୍ୱାରା ସଂକ୍ରମଣ ଭୟ ଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହେଉଛି। କିନ୍ତୁ ଏଥିପ୍ରତି ମେଡିକାଲ କର୍ତ୍ତୃପକ୍ଷଙ୍କ ନିଘା ନ ଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ବର୍ଜ୍ୟବସ୍ତୁ ପରିଚାଳନା ଅଧିକାରୀ ଦେବାଶିଷ ଦାସ କହିଛନ୍ତି, ଦାୟିତ୍ୱରେ ଥିବା କର୍ମଚାରୀମାନେ ସୁରକ୍ଷା ପୋଷାକ ସହ ଚଷମା ପିନ୍ଧିବା ଦରକାର। ତେବେ ବିଭାଗ ପକ୍ଷରୁ ଠିକ୍ ଭାବେ କାର୍ଯ୍ୟ କରାଯାଉଥିବା ସେ କହିଛନ୍ତି। ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା କର୍ମଚାରୀମାନେ କହିଛନ୍ତି, ଆମେ ଏ ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବହୁବାର ଜଣାଇଛୁ। କିନ୍ତୁ ଆମ କଥାକୁ କର୍ଣ୍ଣପାତ କରାଯାଇ ନାହିଁ। ଏଡିଏମ୍‌ଓ ମେଡିକାଲ ବିଶୋଇ କହିଛନ୍ତି, ଘଟଣାଟି ଅତି ସମ୍ବେଦନଶୀଳ। ମେଡିକାଲ ପକ୍ଷରୁ ସମସ୍ତ କିଟ୍ ପ୍ରଦାନ କରାଯାଇଛି। କିନ୍ତୁ କର୍ମଚାରୀମାନେ କାହିଁକି ପରିଧାନ କରୁନାହାନ୍ତି ତାହାର ଅନୁଧ୍ୟାନ ହେବ। ଯଦି କୌଣସି ପକ୍ଷରୁ ଏଥିରେ କେହି ଖିଲାପ କରିଥାନ୍ତି, ତା'ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ବିନା ସୁରକ୍ଷା ପୋଷାକରେ କର୍ମଚାରୀମାନେ ବର୍ଜ୍ୟବସ୍ତୁ ବୋହି ନେଉଛନ୍ତି।






ମେଡିକାଲ କାନ୍ଥରେ ସଚେତନତା ବାର୍ତ୍ତା ଲେଖାଯାଇଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ୧୦ ଜାନୁୟାରୀ /୨୦୧୯ Dhenkanal, Thursday January 10 / 2019

## ସରାଙ୍ଗ-ଭାଲୁମୁଣ୍ଡା ରାସ୍ତା ନିର୍ମାଣରେ ଅନିୟମିତତା

# ସ୍ୱୀକାର କଲେ ଯନ୍ତ୍ରୀ

**ପରଜଙ୍ଗ, ୯।୧(ଡି.ଏନ୍.ଏ.)**


ରାସ୍ତା ପାର୍ଶ୍ୱରେ ପଲିଥିନ ଦିଆଯାଇଛି।

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ-ଭାଲୁମୁଣ୍ଡା ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ନିୟମ ଅନୁଯାୟୀ କାମ ହେଉଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏଭଳି ଅନିୟମିତତାକୁ ସ୍ୱୀକାର କରିଛନ୍ତି ବିଭାଗୀୟ ଯନ୍ତ୍ରୀ, ଯାହା ସରକାରୀ କାର୍ଯ୍ୟରେ ବ୍ୟାପକ ଅର୍ଥ ହେରଫେରକୁ ପଦାରେ ପକାଇଛି।

ପରଜଙ୍ଗ ବ୍ଲକର ଅନ୍ୟତମ ବ୍ୟସ୍ତବହୁଳ ସଡ଼କ ହେଉଛି ସରାଙ୍ଗ-ଭାଲୁମୁଣ୍ଡା ପୂର୍ତ୍ତ ବିଭାଗ ରାସ୍ତା। ଶୋଚନୀୟ ହୋଇ ପଡ଼ିଥିବା ଉକ୍ତ ରାସ୍ତାର ପୁନଃନିର୍ମାଣ ଲାଗି ପୂର୍ତ୍ତ ବିଭାଗ ପକ୍ଷରୁ ୧ କୋଟି ୪୯ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଠିକାଦାର ନବକିଶୋର ଭୂତିଆ ବିଭାଗ ସହିତ ଚୁକ୍ତି କରି ଏହି କାର୍ଯ୍ୟ କରୁଥିବାବେଳେ ତଦାରଖ ଦାୟିତ୍ୱରେ ଅଛନ୍ତି ବିଭାଗୀୟ କର୍ମଚାରୀ ଆଦିକନ୍ଦ ଭୂତିଆ। ରାସ୍ତାର ୩୦୦ ମିଟରରୁ ଊର୍ଦ୍ଧ୍ୱ କଂକ୍ରିଟ୍ ଢଳେଇ ସହ ପିଚୁ କାମ ମଧ୍ୟ କରାଯାଉଛି। ହେଲେ କଟରାପଡ଼ା ନିକଟରେ ହେଉଥିବା କଂକ୍ରିଟ୍ ଢଳେଇ ନିୟମ ଅନୁଯାୟୀ ହେଉ ନ ଥିବା ଅଞ୍ଚଳର ବୁଦ୍ଧିଜୀବୀ ଅଭିଯୋଗ ଆଣିଛନ୍ତି।

- ବ୍ୟୟ ଅଟକଳ ୧.୪୯ କୋଟି
- ପଡୁନି ପଲିଥିନ, ଠିକ୍ ରହୁନି ଭାଗମାପ
- ରାସ୍ତା ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ
- ଅଞ୍ଚଳବାସୀଙ୍କ ଆନ୍ଦୋଳନ ଚେତାବନୀ

ନିୟମ ଅନୁଯାୟୀ, ରାସ୍ତାରେ ବାଲି ପକାଯିବା ପରେ ପାଣି ପକାଯିବା କଥା। ଏହାକୁ ଉଚ୍ଚକ୍ଷମତା ସମ୍ପନ୍ନ କମ୍ପ୍ରେସର ବୁଲାଇବା ପରେ କଂକ୍ରିଟ୍ ଢଳେଇ କରାଯିବା ନିୟମ ରହିଛି। ସେହିପରି ରାସ୍ତା ଉପରେ ପଲିଥିନ ଜରି ପକାଯାଇ ତା' ଉପରେ କଂକ୍ରିଟ୍ ଢଳେଇ କରାଗଲେ ଏହାର ଗୁଣବତ୍ତା ଭଲ ରହିବା ସହ ରାସ୍ତା ଫାଟିଯିବାର ଭୟ ନ ଥାଏ। ହେଲେ ସମ୍ପୂର୍ଣ୍ଣ ରାସ୍ତା ପରିବର୍ତ୍ତେ ଉପରଠାଉରିଆ ଭାବେ ନିର୍ମାଣାଧୀନ ରାସ୍ତା କଡ଼ରେ ନାମକୁ ମାତ୍ର ଖଣ୍ଡେ ଖଣ୍ଡେ ପଲିଥିନ ଦିଆଯାଉଛି। ସେହିପରି ବାଲି, ସିମେଣ୍ଟ, ଚିପ୍ସ ମିଶ୍ରଣ ଭାଗମାପ ଅନୁଯାୟୀ ହେଉନାହିଁ। ବିଭାଗୀୟ ଅଧିକାରୀ କ୍ଷେତ୍ରପରିଦର୍ଶନ କରୁ ନ ଥିବାରୁ ନିୟମକୁ ଅଣଦେଖା କରି କାମ କରାଯାଉଛି। ଏ ନେଇ କନ୍ଦରସିଂହା ଗ୍ରାମର ସାମାଜିକ କର୍ମୀ ଲକ୍ଷ୍ମୀଧର ସାହୁ କୁହନ୍ତି, ନିମ୍ନମାନର ରାସ୍ତା ନିର୍ମାଣ ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଏଥିପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଏ ନେଇ ବିଭାଗୀୟ ଯନ୍ତ୍ରୀ ନିବେଶ କୁମାର ମାଝିଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ ପ୍ରଥମେ ଅଭିଯୋଗକୁ ଅସ୍ୱୀକାର କରିଥିଲେ। ହେଲେ ପ୍ରମାଣ ଦେଖାଇବା ପରେ ସେ ନିମ୍ନମାନର କାର୍ଯ୍ୟ ହେଉଥିବା ସ୍ୱୀକାର କରିଛନ୍ତି। ପଲିଥିନ ସରିଯାଇଥିବାରୁ ଏହାକୁ ବ୍ୟବହାର କରାଯାଇନାହିଁ। ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି। ସେହିପରି ମତାମତ ଲୋଡ଼ିବାରୁ ସମାନ କଥା ଦୋହରାଇଥିଲେ କର୍ମଚାରୀ ଆଦିକନ୍ଦ। ହେଲେ ରାସ୍ତାରେ ଜମାରୁ ପଲିଥିନ ପକାଯାଉ ନ ଥିବା କହିଛନ୍ତି ଠିକାଦାର ନବକିଶୋର। ସେ କୁହନ୍ତି, କେବଳ ରାସ୍ତା ପାର୍ଶ୍ୱରେ ଜରି ପକାଯାଉଛି। ଭାଗମାପଠାରୁ ଆହୁରି କଡ଼ାକାମ ହେଉଥିବା କହି ସେ ପ୍ରସଙ୍ଗ ଏଡ଼ାଇ ଯାଇଥିଲେ। ଯନ୍ତ୍ରୀ ଏବଂ ଠିକାଦାରଙ୍କ ମତରେ ରହିଥିବା ପାର୍ଥକ୍ୟରୁ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ସ୍ପଷ୍ଟ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


କାର୍ଯ୍ୟକ୍ରମରେ ଉପଜିଲାପାଳଙ୍କ ସମେତ ଅନ୍ୟମାନେ।

## ଜାତୀୟ ମତଦାତା ଦିବସ ପ୍ରସ୍ତୁତି ବୈଠକ

# ୧୦୦% ଭୋଟଦାନ ଲାଗି ପ୍ରଚାର କରାଯିବ

**ହିନ୍ଦୋଳ, ୯।୧(ଡି.ଏନ୍.ଏ.)**

ଜାନୁୟାରୀ ୨୫ରେ ଜାତୀୟ ମତଦାତା ଦିବସ। ଏହାକୁ ଆଡମ୍ବର ସହକାରେ ପାଳନ କରିବାକୁ ହିନ୍ଦୋଳ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ବୁଧବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଭବେଶ କୁମାର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମସ୍ତ ସାବାଳକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ମତଦାନ ସମୟରେ ଦିବ୍ୟାଙ୍ଗଙ୍କୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ, ୧୦୦% ଭୋଟଦାନ ଲାଗି ବ୍ୟାପକ ପ୍ରଚାର କରିବାକୁ ଉପଜିଲାପାଳ ବିଭାଗୀୟ କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି। ସେହିପରି ଜନସାଧାରଣଙ୍କ ନିକଟରେ ଜାତୀୟ ମତଦାତା ଦିବସର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ପହଞ୍ଚାଇବାକୁ ଶୋଭାଯାତ୍ରା, ପଥପ୍ରାନ୍ତ ନାଟକ ଏବଂ ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରାଯିବାକୁ ସର୍ବସମ୍ମତିକ୍ରମେ ସ୍ଥିର ହୋଇଛି। ଆସନ୍ତା ୨୫ ତାରିଖରେ ସ୍ଥାନୀୟ ଟାଉନ ହଲରେ ଏ ନେଇ ସଚେତନତା ସଭା କରାଯିବ। ଏଥିସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି।

ବୈଠକରେ ସହକାରୀ ଜିଲାପାଳ ଗଜାନନ ପ୍ରଧାନ, ସଂଯୁକ୍ତା ସ୍ୱାଇଁ, ବିଡିଓ ହେମନ୍ତ ମହନ୍ତ, ତହସିଲଦାର ଅଜୟ ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକ, ପଞ୍ଚାୟତ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ଦନ୍ତା ଆକ୍ରମଣରେ ବୃଦ୍ଧ ଗୁରୁତର

# ବାଉଁଶ ବୁଦାରେ ଲୁଚି ବଞ୍ଚାଇଲେ ଜୀବନ

**ପରଜଙ୍ଗ, ୯।୧(ଡି.ଏନ୍.ଏ.)**



ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ପୁଣିଥରେ ହାତୀ ଉତ୍ପାତ ଦେଖାଦେଇଛି। ବୁଧବାର ଦନ୍ତାହାତୀ ଆକ୍ରମଣରେ ଡମୋଳ ଗ୍ରାମର ପଙ୍କଜ ନାୟକ ଗୁରୁତର ହୋଇଛନ୍ତି। ଗତ ଦୁଇଦିନ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ଘଟଣା।

ପଙ୍କଜ ସକାଳେ ଛେଳି ଚରାଇବାକୁ ଆଖୁପାଳ ଜଙ୍ଗଲକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତା ତାଙ୍କୁ ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। ଆହତ ହେବା ସତ୍ତ୍ୱେ ସେ କୌଣସିମତେ ପ୍ରାଣବିକଳରେ ବାଉଁଶ ବୁଦାରେ ଲୁଚି ଯାଇଥିଲେ। ଫଳରେ ତାଙ୍କ ଜୀବନ ବଞ୍ଚିଯାଇଛି।

ଅପରାହ୍ନ ସୁଦ୍ଧା ପଙ୍କଜ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିବାକୁ ଜଙ୍ଗଲକୁ ଯାଇଥିଲେ। ତାଙ୍କୁ ବାଉଁଶ ବୁଦା ମୂଳରୁ ଠାବ କରି ପରଜଙ୍ଗ ଡାକ୍ତରଖାନାକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ତାଳଚେର ମଣ୍ଡାପାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଉଲ୍ଲେଖଯୋଗ୍ୟ, ମଙ୍ଗଳବାର କନ୍ଦରସିଂହା ପଞ୍ଚାୟତ ମଝିକା ଗ୍ରାମର ସାଇବାଣୀ ପ୍ରଧାନ ଦନ୍ତା ଆକ୍ରମଣରେ ଗୁରୁତର ହୋଇଥିଲେ।

## ରାସ୍ତାକଡ଼ରୁ କ୍ଷତାକ୍ତ ଯୁବକ ଉଦ୍ଧାର

**ଢେଙ୍କାନାଳ ଅଫିସ, ୯।୧**

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଅଞ୍ଚଳର ଏକ ରାସ୍ତା କଡ଼ରୁ ବୁଧବାର ସକାଳେ କ୍ଷତାକ୍ତ ଅବସ୍ଥାରେ ଜଣେ ଯୁବକଙ୍କୁ ପୋଲିସ ଉଦ୍ଧାର କରିଛି। ସେ ହେଲେ ନିହଲପ୍ରସାଦ ଗ୍ରାମର ବିକାଶ ଜେନା ଓରଫ୍ ହାପି। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ବିକାଶଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ତାଙ୍କ ବାପା ନରେଶ ଜେନା ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ନଂ. ୧/୧୯, ଦଫା ୩୦୭, ୩୩୬ରେ ମାମଲା ରୁଜୁ କରାଯାଇଛି। ଅଭିଯୋଗରେ ଦର୍ଶାଯାଇଛି, ମଙ୍ଗଳବାର ବିକାଶଙ୍କୁ ଗ୍ରାମର କେତେଜଣ ଯୁବକ ଗାଡ଼ିରେ ନେଇଯାଇଥିଲେ। ବୁଧବାର ସକାଳେ ରାସ୍ତା କଡ଼ରୁ କ୍ଷତବିକ୍ଷତ ଅବସ୍ଥାରେ ବିକାଶଙ୍କୁ ଠାବ କରାଯାଇଥିଲା। ଏପରି ଆକ୍ରମଣରେ ସମ୍ପୃକ୍ତ ଯୁବକମାନେ ସାମିଲ ଥିବା ପୋଲିସ ସନ୍ଦେହ କରୁଛି। ଅଭିଯୋଗକୁ ଆଧାର କରି ତଦନ୍ତ ଚାଲିଥିବା ଥାନାଧିକାରୀ ଦୀପକ ଜେନା ସୂଚନା ଦେଇଛନ୍ତି।

## ନାବାଳିକା ବିକ୍ରି ମାମଲା

# ଗୋଆ ଗଲା ପୋଲିସ

**ଢେଙ୍କାନାଳ ଅଫିସ, ୯।୧**

ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳର ଜଣେ ୧୦ବର୍ଷର ଆଦିବାସୀ ନାବାଳିକାଙ୍କୁ ଦଲାଲମାନେ ଗୋଆରେ ବିକ୍ରି କରିଦେଇଥିବା ଅଭିଯୋଗ ଆସିବା ପରେ ପୋଲିସ ତତ୍ପରତା ପ୍ରକାଶ ପାଇଛି। ଏସ୍‌ପି ସନ୍ତୋଷ କୁମାର ନାୟକଙ୍କ ନିର୍ଦ୍ଦେଶରେ ନାବାଳିକାଙ୍କୁ ଉଦ୍ଧାର କରିବାକୁ ମଙ୍ଗଳବାର ସନ୍ଧ୍ୟାରେ ଜିଲା ପୋଲିସର ଏକ ଟିମ୍ ଗୋଆ ଯାଇଛି। ଉକ୍ତ ଟିମ୍‌ରେ ଜଣେ ମହିଳା ପୋଲିସ ଅଧିକାରୀ, ୨ ମହିଳା କନଷ୍ଟେବଲ, ଜଣେ ପୁରୁଷ ପୋଲିସ ଅଧିକାରୀ ଏବଂ ୨ଜଣ ହାବିଲଦାର ଅଛନ୍ତି। ନାବାଳିକାଙ୍କୁ ଉଦ୍ଧାର ଲାଗି ଗୋଆ ପୋଲିସର ସହାୟତା ନିଆଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ମା'ଙ୍କୁ ହତ୍ୟା ଅଭିଯୋଗରେ ନାବାଳିକାଙ୍କ ବାପା ଜେଲ୍‌ରେ ଅଛନ୍ତି। ତାଙ୍କର ୪ ସନ୍ତାନ ମଧ୍ୟରୁ ବଡ଼ଝିଅ ମଧ୍ୟ ଜଣେ ନାବାଳିକା। ତାଙ୍କୁ ଜଣେ ପୋଲିସ ଅଧିକାରୀ ଘରେ ନେଇ କାମ କରାଉଥିଲେ। ଘଟଣା ପ୍ରଘଟ ପରେ ସେ ତାଙ୍କୁ ଘରେ ଛାଡ଼ି ଦେଇଥିଲେ। ଦ୍ୱିତୀୟ ଝିଅଙ୍କୁ ଗୋଆରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟ ଦୁଇଜଣ ପୁଅ ଜେଜେବାପାଙ୍କ ପାଖରେ ରହୁଛନ୍ତି। ପରିବାର ପକ୍ଷରୁ ଏ ନେଇ ଜିଲା ଶିଶୁ ମଙ୍ଗଳ କମିଟି ନିକଟରେ ଅଭିଯୋଗ ହୋଇଥିଲା। ନାବାଳିକାଙ୍କୁ ଉଦ୍ଧାର କରିବାକୁ କମିଟି ପକ୍ଷରୁ ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା।

## ଟ୍ରେଡ୍ ୟୁନିୟନ୍ ଧର୍ମଘଟ ପ୍ରଭାବ

# ସରକାରୀ କାର୍ଯ୍ୟ ଠପ୍


ଅଙ୍ଗନୱାଡି କର୍ମୀମାନେ ଧାରଣାରେ ବସିଛନ୍ତି।

**ଢେଙ୍କାନାଳ ଅଫିସ, ୯।୧**

କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତି ପ୍ରତିବାଦରେ ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ଦିଆଯାଇଥିବା ଧର୍ମଘଟ ଡାକରାରେ ସାମିଲ ହୋଇଛନ୍ତି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ, ଅଙ୍ଗନୱାଡି କର୍ମୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନ। ବୁଧବାର ଦ୍ୱିତୀୟ ଦିବସରେ ଧର୍ମଘଟର ପ୍ରଭାବ ଢେଙ୍କାନାଳରେ ଅନୁଭୂତ ହୋଇଥିଲା। ସମସ୍ତ ସ୍କୁଲ, କଲେଜ, ପୋଷ୍ଟ ଅଫିସ୍, ବ୍ୟାଙ୍କ, ବିଏସଏନ୍ଏଲ, ଜୀବନବୀମା କାର୍ଯ୍ୟାଳୟ, ବାଣିଜ୍ୟ ପ୍ରତିଷ୍ଠାନଗୁଡିକ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଅଙ୍ଗନୱାଡି କର୍ମୀମାନେ ବାଜିଚୌକ ଏବଂ କଲେଜ ଛକରେ ରାସ୍ତା ଅବରୋଧ କରି ଯାନବାହନ ଚଳାଚଳ ବନ୍ଦ କରିଥିଲେ। ମଧ୍ୟାହ୍ନରେ ଶୋଭାଯାତ୍ରା ନଗର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଯମେଶ୍ୱର ପୃଷ୍ଟି ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସର୍ବଭାରତୀୟ ଅଙ୍ଗନୱାଡି ଆସୋସିଏଶନ ସମ୍ପାଦିକ ହରପ୍ରିୟା ସ୍ୱାଇଁ, ଭାରତୀ ନାଏକ, ସୁରେଶ ବେହେରା, ମାନସୀ ମହାପାତ୍ର, ଜ୍ୟୋତିର୍ମୟୀ ରାଉତ, ସବିତା ପାତ୍ର, ସ୍ୱରୂପାନନ୍ଦ ଦାସ, ଘନଶ୍ୟାମ ସାହୁ, ସୁନୀତା ମହାପାତ୍ର, ରବି ରଥ, ପୂର୍ଣ୍ଣିମା ତ୍ରିପାଠୀ, ବାବୁଲା ସିଂ, ପ୍ରିୟବ୍ରତ ଗଡ଼ନାୟକ, ଶୈଳେନ୍ଦ୍ର ରାଉତ ଉଦ୍‌ବୋଧନ ଦେଇଥିଲେ। ଉକ୍ତ ରାଲିରେ ୫୦୦ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇଥିଲେ।

ସେହିପରି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍‌ର ଦୁଇଦିନିଆ ଧର୍ମଘଟକୁ ସମର୍ଥନ ଜଣାଇଛି ଜିଲା କଂଗ୍ରେସ। ପ୍ରଚାର କମିଟି ଅଧ୍ୟକ୍ଷ ଆଇନଜୀବୀ ନିର୍ମଳ ମିଶ୍ରଙ୍କ ନେତୃତ୍ୱରେ ବୁଧବାର ଜିଲା ଜଜ୍‌କୋର୍ଟ, ଜିଲାପାଳଙ୍କ କାର୍ଯ୍ୟାଳୟକୁ କର୍ମୀମାନେ ପିକେଟିଂ କରି ବନ୍ଦ କରିଥିଲେ। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଏଆଇସିସି ସଦସ୍ୟା ସୁଭାସିନୀ ମହାକୁଡ, ବରିଷ୍ଠ କର୍ମୀ ଦୀପ୍ତିରଞ୍ଜନ ବରାଳ, ସୁନୀଲ ଦାଶ, ଟଙ୍କଧର ବେହେରା, ରୁଦ୍ରପ୍ରକାଶ ଶରଣ, ନିଶାକର ସାହୁ, ଅମ୍ଳାନ ଖଟୁଆ, ଗୋବର୍ଦ୍ଧନ ସିଂ, ବିକାଶ ପଟ୍ଟନାୟକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।


ଆନ୍ଦୋଳନରେ ସାମିଲ ହୋଇଥିବା କଂଗ୍ରେସ କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### ଗ୍ରହବିପ୍ର ସମାଜର ନୂତନ କର୍ମକର୍ତ୍ତା



**ଭୁବନ, ୯।୧(ଡି.ଏନ୍.ଏ.):** ଭୁବନ ଗ୍ରହବିପ୍ର ସମାଜର ନୂତନ କର୍ମକର୍ତ୍ତା ଚୟନ ନୂଆଭୁବନସ୍ଥିତ ଘାସିରାମ ବଗିଚାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କର୍ମକର୍ତ୍ତା ମହେଶ୍ୱର ନାୟକ ବାର୍ଷିକ ବିବରଣୀ ପାଠ କରିବା ସହ ସମାଜର ଉନ୍ନୟନମୂଳକ କାର୍ଯ୍ୟରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ବସନ୍ତ ନାୟକ, ଉପସଭାପତି ସଞ୍ଜୟ ନାୟକ, ସମ୍ପାଦକ ଦେବେନ୍ଦ୍ର ନାୟକ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ନାୟକଙ୍କୁ ମନୋନୀତ କରାଯାଇଛି। ଲଳିତ ନାୟକ, ହେମନ୍ତ ନାୟକ, ବିଜୟ ନାୟକ, ପ୍ରସନ୍ନ ନାୟକ ପ୍ରମୁଖ ଉପଦେଷ୍ଟା ପରିଷଦକୁ ଚୟନ ହୋଇଛନ୍ତି।

### 'ଦୁର୍ନୀତି ପଦାକୁ ଆଣ'



**ଭୁବନ, ୯।୧(ଡି.ଏନ୍.ଏ.):** ଭୁବନ ବ୍ଲକ ବାଲିଝାଟିରେ ବୁଧବାର ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାମାକ୍ଷାନଗର ନିର୍ବାଚନମଣ୍ଡଳୀର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ହେଉଛି। ଏହାକୁ ପଦାକୁ ଆଣିବାକୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ଏହି ଅବସରରେ କାମାକ୍ଷାନଗର, ଭୁବନ ବ୍ଲକ ଏବଂ ଏନ୍ଏସିର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶୋଚନୀୟ ହୋଇ ପଡ଼ିଥିବା ୫୩ନଂ. ଜାତୀୟ ରାଜପଥ ମରାମତି, ଡାକ୍ତରଖାନାରେ ଖାଲି ପଦବୀ ପୂରଣ, ଧାନକାଟ୍‌କୁ ନେଇ ମଣ୍ଡିରେ ଲାଗି ରହିଥିବା ଅଚଳାବସ୍ଥା ଦୂର କରିବାକୁ ଦାବି କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ସାଧାରଣ ସମ୍ପାଦକ ପ୍ରେମାନନ୍ଦ ଜେନା, ବରିଷ୍ଠ କର୍ମକର୍ତ୍ତା ବାଳକୃଷ୍ଣ ସାହୁ, ରସାନନ୍ଦ ଦେହୁରୀ, ଶେଷଦେବ ନାୟକ, ବିଷ୍ଣୁପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମଦ ଜବତ କଲେ ମହିଳା



**ଢେଙ୍କାନାଳ ଅଫିସ, ୯।୧:** ଢେଙ୍କାନାଳ ଜିଲା ସଦର ଥାନା ଡେଙ୍ଗବୋରେଇ ଗ୍ରାମରେ ମଦ ବିକ୍ରିକୁ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଅଞ୍ଚଳର ୧୦ ଏସ୍‌ଏଚ୍‌ଜି ଗୋଷ୍ଠୀ। ବୁଧବାର ଶତାଧିକ ମହିଳା ଏକାଠି ହୋଇ ମଦ ଜବତ କରିଛନ୍ତି। ଏପରି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଅଭିଯୋଗରେ ପବି ନାଏକଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଗୁଣ୍ଡିଚାପଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାଉଚ୍ ଏବଂ ଦେଶୀ ରନ୍ଧା ମଦର ଅବାଧ ବିକ୍ରି ଚାଲିଛି। ଫଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଅବକାରୀ ଏବଂ ପୋଲିସ ବିଭାଗକୁ ଅବଗତ ଯିବା ସତ୍ତ୍ୱେ ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ମହିଳାମାନେ ଶୋଭାଯାତ୍ରାରେ କରିଥିଲେ। ଏଥିସହ ଅଞ୍ଚଳରେ ଥିବା ସରକାରୀ ମଦ ଦୋକାନ ଲାଇସେନ୍ସ ରଦ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ଏହାକୁ ତୁରନ୍ତ ବାତିଲ କରା ନ ଗଲେ ଜିଲା ଅବକାରୀ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।

### ବଖରାଏ ଜଳିଗଲା

**ଭୁବନ, ୯।୧(ଡି.ଏନ୍.ଏ.):** ଭୁବନ ଥାନା କଂସରଗୋଡ଼ା ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି ବିଷ୍ଣୁଚରଣ ଜେଠୀଙ୍କ ବଖରାଏ ଜଳିଯାଇଛି। ପରିବାର ସଦସ୍ୟ ଉପସ୍ଥିତ ଥିବାବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ତେବେ ଏଥିରେ ସମସ୍ତେ ସୁରକ୍ଷିତ ଅଛନ୍ତି। ଦମକଳ ବାହିନୀ ପହଞ୍ଚିବାବେଳକୁ ସବୁକିଛି ଛାରଖାର ହୋଇସାରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ସର୍ବସ୍ୱ ହରାଇଥିବା ବିପନ୍ନ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ